# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 27 October – 2025

## ମୁଖ୍ୟମନ୍ତ୍ରୀ

କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳମାର୍ଗ ମନ୍ତ୍ରଣାଳୟ ପକ୍ଷରୁ ଆଜିଠାରୁ ମୁମ୍ବାଇରେ ଭାରତୀୟ ସାମୁଦ୍ରିକ ସପ୍ତାହ-୨୦୨୫ ସମ୍ମିଳନୀ ଆରମ୍ଭ ହେଉଛି। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ  ପାଞ୍ଚ ଦିନ ବ୍ୟାପୀ ଆୟୋଜିତ ହେବାକୁ ଥିବା ସମ୍ମିଳନୀକୁ ଉଦ୍‌ଘାଟନ କରିବେ। ସମ୍ମିଳନୀରେ ଯୋଗଦେବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁମ୍ବାଇ ଗସ୍ତ କରିଛନ୍ତି।  ଓଡ଼ିଶା ସ୍ୱତନ୍ତ୍ର ଅଧିବେଶନରେ ରାଜ୍ୟର ବନ୍ଦର ନେତୃତ୍ୱାଧିନ ନିବେଶ ସୁଯୋଗ ଏବଂ ବନ୍ଦର ମାଧମରେ ରପ୍ତାନୀ ସମ୍ଭାବନା ଉପରେ ଆଲୋଚନାରେ ଆଜି ଅପରାହ୍ନରେ ମୁଖ୍ୟମନ୍ତ୍ରୀ ଅଂଶଗ୍ରହଣ କରିବେ। ଭାରତୀୟ ସାମୁଦ୍ରିକ ସପ୍ତାହ ଦେଶର ବର୍ଦ୍ଧିତ ସାମୁଦ୍ରିକ କ୍ଷେତ୍ରରେ ସହଯୋଗ ଏବଂ ନବସୃଜନକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ସମ୍ମିଳନୀରେ ୧୧ଟି ଦେଶର ପ୍ରତିନିଧି ଯୋଗଦେବେ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

## ସମ୍ଭାବ୍ୟ ବାତ୍ୟା

ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ସକ୍ରିୟ ଅବପାତ ଗଭୀର ଅବପାତରେ ପରିଣତ ହୋଇ ଦକ୍ଷିଣ-ପଶ୍ଚିମ ଏବଂ ସଂଲଗ୍ନ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ସାମୁଦ୍ରିକ ଝଡ଼ **ମୋନ୍ଥା** ରେ ପରିଣତ ହୋଇଛି । ଏହା ବର୍ତ୍ତମାନ ଗୋପାଳପୁରଠାରୁ ୮୫୦ କିଲୋମିଟର

ଦୂରରେ କେନ୍ଦ୍ରୀଭୂତ ହୋଇଛି । ଆସନ୍ତାକାଲି ସୁଦ୍ଧା ବାତ୍ୟା ଉତ୍ତର-ପଶ୍ଚିମ ଦିଗରେ ଗତିକରି ସ୍ଥଳଭାଗ ସ୍ପର୍ଶ କରିବାର ସମ୍ଭାବନା ଥିବା ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ।

ରାଜ୍ୟରେ ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମୁକାବିଲା ପ୍ରସ୍ତୁତି ନେଇ ସମୀକ୍ଷା କରିଛନ୍ତି । ଶ୍ରୀ ପୂଜାରୀ କହିଛନ୍ତି, ସରକାର ବାତ୍ୟା ମୁକାବିଲା ପାଇଁ ସଂପୂର୍ଣ୍ଣ ଭାବେ ପ୍ରସ୍ତୁତ ଅଛନ୍ତି । ସମ୍ଭାବ୍ୟ ବାତ୍ୟକୁ ଦୃଷ୍ଟିରେ ରଖି ପ୍ରଭାବିତ ହେବାକୁ ଥିବା ୮ଟି ଜିଲ୍ଲା କୋରାପୁଟ, ରାୟଗଡ଼ା, ଗଞ୍ଜାମ, ଗଜପତି, କନ୍ଧମାଳ, କଳାହାଣ୍ଡି ଓ ନବରଙ୍ଗପୁରରେ ବ୍ୟାପକ ପ୍ରସ୍ତୁତି କରାଯାଇଛି ।

**V/O**

ସମ୍ଭାବ୍ୟ ବାତ୍ୟା ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ଆଜିଠାରୁ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ୨୮ଟି ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି ।

# ଉପମୁଖ୍ୟମନ୍ତ୍ରୀ-ଉପନିର୍ବାଚନ ପ୍ରଚାର

ନୂଆପଡ଼ା ବିଧାନସଭା ଉପନିର୍ବାଚନରେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ପ୍ରଚାର କାର୍ଯ୍ୟ ଚାଲିଛି । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଗତକାଲି ଏକ ପଦଯାତ୍ରାରେ ସାମିଲ ହୋଇ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି ।

# ସାଇବର ସୁରକ୍ଷା

ରାଜ୍ୟରେ ସାଇବର ସୁରକ୍ଷା ସଂପର୍କିତ ଜନସଚେତନତା ବୃଦ୍ଧି ଲକ୍ଷ୍ୟ ନେଇ ଓଡ଼ିଶା ପୋଲିସ୍‌ର ଷୋଳଟି ସାଇବର ରଥ ରାଜ୍ୟର ବିଭିନ୍ନ ଅଞ୍ଚଳ ପରିକ୍ରମା କରୁଛି । ବିଭିନ୍ନ ଜିଲ୍ଲାରେ ଅନୁଷ୍ଠିତ ହୋଇଥିବା ର୍ୟାଲି, ସେମିନାର, କର୍ମଶାଳା ଏବଂ ସାଧାରଣସଭା କାର୍ଯ୍ୟକ୍ରମଗୁଡ଼ିକରେ ଏପର୍ଯ୍ୟନ୍ତ ଅଢ଼େଇଲକ୍ଷରୁ ଅଧିକ ନାଗରିକ ଅଂଶ ଗ୍ରହଣ କରିଥିବା ରାଜ୍ୟ ପୋଲିସ୍ ମୁଖ୍ୟାଳୟ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି । ରାଜ୍ୟର ୩୩ଟି ପୋଲିସ୍ ଜିଲ୍ଲା ଏଥିରେ ସାମିଲ ହୋଇ ଉଭୟ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜନ କରୁଛନ୍ତି ।

# ଉପମୁଖ୍ୟମନ୍ତ୍ରୀ-ଉପନିର୍ବାଚନ ପ୍ରଚାର

ନୂଆପଡ଼ା ବିଧାନସଭା ଉପନିର୍ବାଚନରେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ପ୍ରଚାର କାର୍ଯ୍ୟ ଚାଲିଛି । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଗତକାଲି ଏକ ପଦଯାତ୍ରାରେ ସାମିଲ ହୋଇ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି ।

# ଦୁର୍ନୀତି ନିବାରଣ ସଚେତନତା ସପ୍ତାହ

ଦୁର୍ନୀତିକୁ ପ୍ରତିହତ କରି ସୁଶାସନର ସୁଫଳ ଲୋକଙ୍କ ନିକଟରେ ପହଞ୍ଚାଇବା ଲକ୍ଷ୍ୟନେଇ ଆଜିଠାରୁ ରାଜ୍ୟରେ ଦୁର୍ନୀତି ନିବାରଣ ସପ୍ତାହ

ପାଳନ ଆରମ୍ଭ ହୋଇଛି । ଆସନ୍ତା ୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଅଭିଯାନ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଦୁର୍ନୀତିର ମୂଳୋତ୍ପାଟନ ଲକ୍ଷ୍ୟରେ ଲୋକଙ୍କୁ ସଚେତନ କରାଯିବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ବାର୍ତ୍ତାରେ କହିଛନ୍ତି ଦୁର୍ନୀତି ବିରୁଦ୍ଧରେ ସରକାର ଶୂନ୍ୟ ସହନଶୀଳ ନୀତି ଅବଲମ୍ବନ କରୁଛନ୍ତି ।

# ପଦାତିକ ସୈନ୍ୟ ବାହିନୀ ଦିବସ

ଭାରତୀୟ ପଦାତିକ ବାହିନୀ ଯବାନଙ୍କ ଶୌର୍ଯ୍ୟ, ସାହସ ଏବଂ ଦେଶମାତୃକା ପ୍ରତି ପ୍ରତିବଦ୍ଧତାକୁ ସ୍ୱୀକୃତି ସ୍ୱରୂପ ଆଜି ଭାରତୀୟ ପଦାତିକ ସୈନ୍ୟ ବାହିନୀ ଦିବସ ପାଳନ କରାଯାଉଛି । ସେନାର ଶିଖ୍ ରେଜିମେଣ୍ଟ୍‌ର ପ୍ରଥମ ବାଟାଲିୟନ୍ ୧୯୪୭ ଅକ୍ଟୋବର ୨୭ ତାରିଖରେ ପାକିସ୍ତାନ ସେନାର ଆକ୍ରମଣକୁ ପ୍ରତିହତ କରି ବିଜୟ ହାସଲ କରିଥିଲା । ଏହାକୁ ସ୍ମରଣ କରି ପ୍ରତିବର୍ଷ ଆଜିର ଦିନରେ ଏହି ଦିବସ ପାଳିତ ହୋଇ ଆସୁଛି ।

# ଉଲ୍ଲାସ କାର୍ଯ୍ୟକ୍ରମ

ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକର ସମସ୍ତ ସ୍କୁଲ୍ ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ **ଉଲ୍ଲାସ** ର ପ୍ରଥମ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଆକଳନ ଅନୁଷ୍ଠିତ ହୋଇଛି । ୧୫ ବର୍ଷରୁ ଉର୍ଦ୍ଧ୍ୱ ପଞ୍ଜୀକୃତ ଅଣଶିକ୍ଷିତଙ୍କ ମଧ୍ୟରେ ଭାଷାଜ୍ଞାନ ଏବଂ ସଂଖ୍ୟାଜ୍ଞାନ ଆଧାରିତ ପରୀକ୍ଷା

ଅନୁଷ୍ଠିତ ହୋଇଥିଲା । ମୋଟ୍ ୭୩ଟି ପରୀକ୍ଷା କେନ୍ଦ୍ରରେ ୧ ହଜାର ୨୯୭ଜଣ ପରୀକ୍ଷା ଦେଇଥିଲେ ।

## ଶ୍ୟାମାକାଳୀ ପୂଜା

ବରଗଡ଼ ଶ୍ୟାମାକାଳୀ ପୀଠରେ ୫ ଦିନଧରି ଚାଲିଥିବା ମା'ଙ୍କ ବାର୍ଷିକ ପୂଜା ଉଦ୍‌ଯାପିତ ହୋଇଛି । ପୂଜାର୍ଚ୍ଚନା ପରେ ଗତକାଲି ମା'ଙ୍କର ମହତୀ ଭୋଗ ହୋଇଥିଲା । ପୀଠରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କର ଭିଡ଼ ଲାଗି ରହିଥିଲା ।

## ଏସିଆନ୍ ଗେମ୍‌ସ

ବାହାରିନ୍‌ର ମାନାମାଠାରେ ଅନୁଷ୍ଠିତ ଏସିଆନ୍ ୟୁଥ୍ ଗେମ୍‌ସ ଭାରୋତ୍ତଳନ ପ୍ରତିଯୋଗିତାରେ ଓଡ଼ିଶାର ପ୍ରୀତିସ୍ମିତା ଭୋଇ ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ୪୪ କିଲୋଗ୍ରାମ୍ ବାଳିକା ବର୍ଗରେ ୧୫୮ କିଲୋଗ୍ରାମ ଭାରୋତ୍ତାଳନ କରି ପ୍ରୀତିସ୍ମିତା ଏସିଆନ୍ ଏବଂ ବିଶ୍ୱ ରେକର୍ଡ ହାସଲ କରିଛନ୍ତି ।

## ଆଥ୍‌ଲେଟିକ୍ସ

ଝାଡ଼ଖଣ୍ଡର ରାଞ୍ଚିଠାରେ ଚାଲିଥିବା ଚତୁର୍ଥ ଦକ୍ଷିଣ-ଏସୀୟ ବରିଷ୍ଠ ଦୌଡ଼କୁଦ ପ୍ରତିଯୋଗିତା ଗତକାଲି ଉଦ୍‌ଯାପିତ ହୋଇଛି । ଓଡ଼ିଶାରୁ ୨ ଜଣ ପ୍ରତିଯୋଗି ଗତକାଲି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ପୁରୁଷ

୨୦୦ ମିଟର ବର୍ଗରେ ପ୍ରତୀକ ମହାରଣା ଏବଂ ପୁରୁଷ ଲଙ୍ଗଜମ୍ପ ପ୍ରତିଯୋଗିତାରେ ସରୁନ୍ ପାୟାସିଙ୍ଗ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି ।